# ୧ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ସଂଖ୍ୟା : 24766. /ତା 06.11.2017 ରିଖ

ନଥି ନଂ.XI-PW-Divn-I-26/13 (Pt-I)

## ରାସ୍ତା ଓ ନାଳ ନିର୍ମାଣ ନିମନ୍ତେ ସାର୍ବଜନୀନ ବିଜ୍ଞପ୍ତି

ଭୁବନେଶ୍ୱର ସହରର ନିମ୍ନଲିଖିତ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କର ଦାବୀ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂପୃକ୍ତ ଅଞ୍ଚଳରେ ରାସ୍ତା ଓ ନାଳ ନିର୍ମାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଅଛି ।

| କ୍ର.ନଂ. | ପ୍ରସ୍ତାବିତ ପ୍ରକଳ୍ପର ନାମ | ପ୍ରକଳ୍ପର ଅବସ୍ଥିତି (ମୌଜା) | ଖାତା ନଂ. | ପ୍ଲଟ ନଂ. | ରାସ୍ତା ଓ ନାଳ ନିର୍ମାଣ ପାଇଁ ପ୍ରସ୍ତାବିତ ଜମିର ସମ୍ଭାବ୍ୟ ମାଲିକାନା ସତ୍ତ୍ୱ ସଂକ୍ରାନ୍ତିୟ ବିବରଣୀ |
|---|---|---|---|---|---|
| ୧. | ୱାର୍ଡ ନଂ-୪ ଅନ୍ତର୍ଗତ ପାହାଳ ଠାରେ ଶବଦାହ ଘର କରିବା ସହିତ ପ୍ରବେଶ ମାର୍ଗ ରାସ୍ତା ନିର୍ମାଣ କାର୍ଯ୍ୟ | ପାହାଳ | ୩୬୧ | ୩୩୮ | ରକ୍ଷିତ |
| ୨. | ୱାର୍ଡ ନଂ. ୦୫ ଅନ୍ତର୍ଗତ ଚକେଇ ସିହାଣିଠାରେ ତ୍ରୀନାଥ ମନ୍ଦିର ବସତି ରାସ୍ତା ନିର୍ମାଣ କାର୍ଯ୍ୟ | ପାଣ୍ଡରା | ୯୮୬ | ୧୭୮/ ୫୫୩୦ | ମହେନ୍ଦ୍ର ନାୟକ<br>ଶ୍ରୀଧର ନାୟକ<br>ଜଳଧର ନାୟକ<br>ପି- ବାନାମ୍ବର ନାୟକ |
| | | | ୧୨୦୬ | ୪୪୦ | ଶ୍ୟାମ ସୁନ୍ଦର ଦାସ<br>ପି-ନିଧୀ ଦାସ,<br>ସମେଇ ଗାଡିଆ |
| | | | ୧୩୩୦/ ୪୨୯ | ୧୬୨/ ୫୬୪୧ | ସୁମତି ରାଉତ<br>ସ୍ୱା- ଜତିନ୍ଦ୍ର ରାଉତ<br>ବା-ଝାରଡିଆ,<br>ବାଲେଶ୍ୱର |
| ୩. | ୱାର୍ଡ ନଂ.୧୯ ଅନ୍ତର୍ଗତ ଶ୍ରୀରାମ ନଗର ଠାରେ ଗୋଡା ରାସ୍ତା ନିର୍ମାଣ କାର୍ଯ୍ୟ | ଗୋପିନାଥ ପ୍ରସାଦ | ୭୮ | ୧୦୧୨/ ୧୨୮୫ | କ୍ଷିରୋଦ ଚନ୍ଦ୍ର ରାଉତରାୟ<br>ପି-କୃଷ୍ଣ ଚନ୍ଦ୍ର ରାଉତରାୟ,<br>ବମିଖାଲ |
| | | | ୩୪୪ | ୯୮୦<br>୯୮୧ | ଲଛମନ ରାୟ<br>ପି-କେଳୁ ଚରଣ ରାୟ । |

ଉପରୋକ୍ତ କାର୍ଯ୍ୟଗୁଡିକୁ ଆରମ୍ଭ କରିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମର ସାଧାରଣ ବୈଠକ ନିର୍ଦ୍ଧାରଣ ସଂଖ୍ୟା-୮ (୧୫), ତା୨୭.୨.୨୦୧୩ରିଖ ଓ ୭ (୩) (ଖ) ତା ୨୮.୮.୨୦୦୯ରିଖ ଅନୁଯାୟୀ ଏହି ବିଜ୍ଞପ୍ତି ଦ୍ୱାରା ପ୍ରତ୍ୟେକ କାମ ପାଇଁ ସଂପୃକ୍ତ ବ୍ୟକ୍ତି/ବ୍ୟକ୍ତି ବିଶେଷ/ସଂସ୍ଥା ମାନଙ୍କ ଠାରୁ ଆପତ୍ତି /ଅଭିଯୋଗ/ମତାମତ ଗ୍ରହଣ କରାଯାଉଅଛି । ଏହି ଆପତ୍ତି/ଅଭିଯୋଗ/ମତାମତ ଓ ତତ୍ ସଂକ୍ରାନ୍ତୀୟ ଦସ୍ତାବେଜ୍ କେବଳ ରେଜିଷ୍ଟ୍ରି ଡାକ ଅଥବା Speed Post ଯୋଗେ ଭୁବନେଶ୍ୱର ମହାନଗର ନିଗମକୁ ପ୍ରେରିତ ହେବା ଆବଶ୍ୟକ ।

Scanned by CamScanner

ଖବର କାଗଜରେ ଏହି ବିଜ୍ଞପ୍ତି ପ୍ରକାଶ ହେବା ଦିନ ଠାରୁ ୩୦ (ତିରିଶ) ଦିନ ମଧ୍ୟରେ ଆବଶ୍ୟକୀୟ କାଗଜାତ ସହିତ ଆପତ୍ତି/ଅଭିଯୋଗ/ମତାମତ ଗୁଡିକ ରେଜିଷ୍ଟ୍ରି ଡାକ କିମ୍ବା Speed Post ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମରେ ହସ୍ତଗତ ହେବା ଆବଶ୍ୟକ । ନିର୍ଦ୍ଧାରିତ ସମୟ ଶେଷ ହେବା ପରେ ପ୍ରେରିତ ଅଥବା ହସ୍ତଗତ ହୋଇଥିବା ଆପତ୍ତି ଓ ପ୍ରସ୍ତାବକୁ ବିଚାରକୁ ନିଆଯିବ ନାହିଁ । ପ୍ରସ୍ତାବିତ କାର୍ଯ୍ୟ ଗୁଡିକର ଅଧିକ ବିବରଣୀ ତଥା କେଉଁ ପ୍ଲଟ ଗୁଡିକ ଉପରେ ଏହା କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି ଇତ୍ୟାଦି, ଜାଣିବାକୁ ଚାହୁଁଥିବା ବ୍ୟକ୍ତି ଭୁବନେଶ୍ୱର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୧ ଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ତଥ୍ୟ ହାସଲ କରିବାକୁ ଅନୁରୋଧ । ଯଦି କୌଣସି ଆପତ୍ତି/ଅଭିଯୋଗ/ମତାମତ ଉପରୋକ୍ତ ସମୟ ସୀମା ମଧ୍ୟରେ Regd. Post /Speed Post ମାଧ୍ୟମରେ BMC ର ହସ୍ତଗତ ହେଲା ସେଗୁଡିକୁ BMC ଦ୍ୱାରା ତର୍ଜମା କରାଯାଇ ଉପଯୁକ୍ତ ନିଷ୍ପତ୍ତି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଜ୍ଞପ୍ତି ପ୍ରକାଶିତ ହେବାର ୩୦ (୩୦) ଦିନ ଭିତରେ କୌଣସି ଆପତ୍ତି/ମତାମତ ଦାଖଲ ନହେଲେ ଭୁବନେଶ୍ୱର ମହାନଗର ନିଗମ ସଂପୃକ୍ତ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ପରବର୍ତ୍ତୀ ପଦକ୍ଷେପ ନେବ । କିନ୍ତୁ ଭୁବନେଶ୍ୱର ମହାନଗର ନିଗମ, ଉପରୋକ୍ତ ଦୁଇଟିଯାକ ପରିପ୍ରେକ୍ଷୀରେ ଯେଉଁ ନିର୍ଣ୍ଣୟ ନେବ, ତାହା ପ୍ରଚଳିତ Act/Rule and/or Restrictions Imposed by Legislative/Judiciary/Executive of Govt. of Odisha/Govt. of India. କୁ Supersede କରିପାରିବ ନାହିଁ । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ନୋଟିସ୍ BMC Web Site www.bmc.gov.in ଓ ଖବର କାଗଜରେ ପ୍ରକାଶିତ କରାଯାଇଛି ।

ନଗର ଯନ୍ତ୍ରୀ
ଭୁବନେଶ୍ୱର ମହାନଗର ନିଗମ

Scanned by CamScanner